ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

### ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ

## ପବିତ୍ର ମୋହନ ସାହସୀ ସଂଗ୍ରାମୀ ଓ ପ୍ରତିବଦ୍ଧ ରାଜନେତା ଥିଲେ

ଭୁବନେଶ୍ୱର, ୦୮/୦୨/୨୦୧୯

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନ ଜଣେ ସାହସୀ ସଂଗ୍ରାମୀ, କୃଷକ ସଂଗଠକ, ପ୍ରତିବଦ୍ଧ ରାଜନେତା ଓ ସାହିତ୍ୟ ସାଧକ ଭାବରେ ସ୍ମରଣୀୟ ରହିବେ । ଅହଂକାର, ତୋଷାମୋଦ ଓ ମିଥ୍ୟାଚାରରୁ ଦୂରରେ ରହି ତଥା ପ୍ରତିକୂଳତା ସହ ସଂଗ୍ରାମ କରି ସେ ତାଙ୍କ ବ୍ୟକ୍ତିତ୍ୱକୁ ଉଜ୍ଜ୍ୱଳ କରିଥିଲେ ବୋଲି ରାଜ୍ୟସ୍ତରୀୟ ପବିତ୍ର ମୋହନ ପ୍ରଧାନ ଜୟନ୍ତୀ ସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ କହିଛନ୍ତି ।

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ  ମନ୍ତ୍ରୀ ଡ. ସାହୁ କହିଲେ ଯେ ସ୍ୱର୍ଗତ ପବିତ୍ର ପ୍ରଧାନଙ୍କ ନିର୍ଭୀକତା, ସରଳତା ଓ ତ୍ୟାଗ ସ୍ମରଣୀୟ । ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ସ୍ୱର୍ଗତ ପ୍ରଧାନ ଜଣେ ମନ୍ତ୍ରୀ ଭାବରେ ମଧ୍ୟ ଆଦୃତ ହୋଇଥିଲେ ।

ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ମହେଶ ସାହୁ, ବିଧାୟକ ଶ୍ରୀ ରଜନୀକାନ୍ତ ସିଂହ ଓ ବିଧାୟକ ଶ୍ରୀ ବ୍ରଜକିଶୋର ପ୍ରଧାନ ପବିତ୍ର ବାବୁଙ୍କ ସଂଗ୍ରାମୀ ଓ ରାଜନୈତିକ ଜୀବନ ଉପରେ ବକ୍ତବ୍ୟ ରଖିବା ସହିତ ତାଙ୍କର ମୂଲ୍ୟବୋଧ ତଥା ବୈଚାରିକ ଆଦର୍ଶ ଉପରେ ଆଲୋକପାତ କରିଥିଲେ ।

ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ତାଙ୍କ ବକ୍ତବ୍ୟରେ ପବିତ୍ର ମୋହନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରି ତାଙ୍କ ବ୍ୟକ୍ତିତ୍ୱ ଓ ଜୀବନୀ ଆଲୋଚନା କରିଥିଲେ । ସେ କହିଲେ ଯେ ପବିତ୍ର ମୋହନ ଘଟନାବହୁଳ ଜୀବନରେ ନିଜର ଦୃଢ଼ତା, ନୀତିନିଷ୍ଠତା, ନିରହଂକାର ବ୍ୟବହାର, ସ୍ୱଚ୍ଛତା ପ୍ରତିପାଦିତ କରି ଜଣେ ସାଲିସବିହୀନ ସଂଗ୍ରାମୀ ଭାବରେ ଆପଣାକୁ ପ୍ରତିଷ୍ଠିତ କରିଥିଲେ । ଓଡ଼ିଶାରେ ପବିତ୍ର ବାବୁ ପାଠ୍ୟପୁସ୍ତକ ଜାତୀୟକରଣ କରାଇଥିଲେ ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଥିଲେ ।

ପ୍ରଦୀପ ପ୍ରଜ୍ୱଳନ ଓ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ପରେ ପ୍ରିୟମ୍ବଦା, ଦୀପା, ବର୍ଷା, ସସ୍ମିତା ଓ ରୀତା ପ୍ରମୁଖ ଶିଳ୍ପୀବୃନ୍ଦ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ସୂଚନା ତଥା ପ୍ରାରମ୍ଭିକ ବକ୍ତବ୍ୟ ରଖି ପବିତ୍ର ମୋହନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଭାଗ ପକ୍ଷରୁ ଅନୁଷ୍ଠିତ ସ୍କୁଲ ଓ କଲେଜସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ଶ୍ରୀ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଶେଷରେ ଅର୍ପଣ ମ୍ୟୁଜିକ୍ ସର୍କଲର ପୟଦୀପ ପଲାଇ, ମୋନାଲିସା ପଣ୍ଡା, ଅଲିଭା ରଥ, ହୃଦାନନ୍ଦ, ବେଣୁ ମାଧବ, ନିହାରିକା ଓ ଅମୃତାୟନୀ ପ୍ରମୁଖ କଣ୍ଠଶିଳ୍ପୀବୃନ୍ଦ ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ । ବିଭାଗୀୟ ଉପନିର୍ଦ୍ଦେଶକ ଶ୍ରୀ ବିପିନ ବିହାରୀ ବାରିକି ଓ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀ ସନ୍ତୋଷ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ